**Publication:** Dharitri

**Date:** December 06, 2017

# ବରିଷ୍ଠ ନାଗରିକଙ୍କ ଘରେ ପହଞ୍ଚିବ ସଫଳର ଫଳ, ପନିପରିବା




ଭୁବନେଶ୍ୱର, ୫-୧୨(ବ୍ୟୁରୋ)

ନ୍ୟାଶ୍ନାଲ୍ ଡାଏରି ଡେଭ୍ଲପମେଣ୍ଟ ବୋର୍ଡ (ଏନ୍‌ଡିଡିବି)ର ସହଯୋଗୀ ସଂସ୍ଥା ମଦର ଡାଏରି ଏହାର 'ସଫଲ' ବ୍ରାଣ୍ଡ୍ ଆଉଟ୍‌ଲେଟ୍ ସଂଖ୍ୟା ରାଜ୍ୟରେ ୧୫କୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି। ବର୍ତ୍ତମାନ କେବଳ ଭୁବନେଶ୍ୱରରେ ୯ଟି ଆଉଟ୍‌ଲେଟ୍ ଥିବା ବେଳେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆଉ ୬ଟି ଆଉଟ୍‌ଲେଟ୍ ଖୋଲିବା ପାଇଁ ଯୋଜନା ରହିଛି। ସେହିପରି ୨୦୧୮-୧୯ ଆର୍ଥିକ ବର୍ଷ ଶେଷ ସୁଦ୍ଧା ମୋଟ ୨୫ଟି ଆଉଟ୍‌ଲେଟ୍ ଖୋଲିବା ପାଇଁ ଯୋଜନା ରଖିଛି। ମଙ୍ଗଳବାର ମଦର ଡାଏରି ଫ୍ରୁଟ୍ ଆଣ୍ଡ୍ ଭେଜିଟେବୁଲ୍ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ଖାନ୍ନା ଏହି ସୂଚନା ଦେଇଛନ୍ତି। ସଫଲ ଫ୍ରି ଡେଲିଭରି ମାଧ୍ୟମରେ ବରିଷ୍ଠ ନାଗରିକଙ୍କ ଘରେ ସାମଗ୍ରୀ ପହଞ୍ଚାଇବା ପାଇଁ ଘୋଷଣା କରିବା ଅବସରରେ ଖାନ୍ନା ଏହା କହିଛନ୍ତି। ଏହା ମାଧ୍ୟମରେ ବରିଷ୍ଠ ନାଗରିକ ସଫଲ ଆଉଟ୍‌ଲେଟ୍‌ର ୩ କି.ମି. ପରିସୀମା ମଧ୍ୟରେ ସାମଗ୍ରୀ ଅର୍ଡର କରି ପାରିବେ। ସେହିପରି ବିଭିନ୍ନ ସମୟରେ ବରିଷ୍ଠ ନାଗରିକଙ୍କ ପାଇଁ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା ସୁବିଧା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ନ୍ୟାଶ୍ନାଲ୍ ଡାଏରି ଡେଭ୍ଲପ୍‌ମେଣ୍ଟ ବୋର୍ଡ(ଏନ୍‌ଡିଡିବି)ର ଅଧ୍ୟକ୍ଷ ଦିଲ୍ଲୀପ ରଥ କହିଛନ୍ତି ବର୍ତ୍ତମାନ କେବଳ ପେଟ୍ରୋଲ୍ ପମ୍ପରେ ସଫଲ ଆଉଟ୍‌ଲେଟ୍ ଥିବା ବେଳେ ଆଗକୁ ଅଣପେଟ୍ରୋଲ ପମ୍ପ ସ୍ଥାନମାନଙ୍କରେ ସଫଲ ଆଉଟ୍‌ଲେଟ୍ ଖୋଲିବା ପାଇଁ ଯୋଜନା ରହିଛି।